# Akashvani, Sambalpur

## SAMBALPURI NEWS EVENING BULLETIN

## 10 August 2024- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଜାରି କର୍‌ବେ ୬୧ ଟା ଫସଲ୍‌ର ଶହେ ୯ ଟା ନୂଆଁ କିସମ୍ ।

୨- ଓଡ଼ିଶାର୍ ଲାଗି ୬ ଟା ନୂଆଁ ରେଲ୍‌ପ୍ରକଳ୍ପକେ ଅନୁମୋଦନ୍ ଦେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆଉ ରେଲ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନାଲେ ମୁଖ୍ୟମନ୍ତ୍ରୀ ।

୩- ଦେଶେ ଆଏଜ୍‌ଠାନୁ ମୁଲ୍ ହେଇଛେ ଫାଇଲେରିଆ ବେମାରୀ ନିରାକରଣ୍ ଲାଗି ଜାତୀୟ ଗଣଔଷଧ ପ୍ରଦାନ୍ ଅଭିଯାନ୍ ।

୪- ରାଏଜେ ଆଏବା ଡିସେମ୍ବର୍ ମାସର୍ ଶେଷ୍‌ତକ୍ ଘର୍‌ଡିହି ନାଇଁଥିବାର୍ ଲୁକ୍‌କୁ ବଂଟାଯିବା ପଟ୍ଟା- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୫- ସୁନ୍ଦର୍‌ଗଡ୍ ଆର୍ ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏବାକାଏଲ୍ ସଖାଲ୍‌ତକ୍ ହେଇପାରେ ଜବର୍ ବର୍ଷା ।

ପ୍ରଧାନ୍‌ମନ୍ତ୍ରୀ-ଫସଲ୍ କିସମ          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ନୂଆଦିଲ୍ଲୀ ନ ୬୧ ଟା ଫସଲ୍‌ର ଅଏତ୍‌କା ଅମଲ୍ ହେଉଥିବା, ଜଲ୍‌ବାୟୁ ଅନୁକୂଳ ଆର୍ ଜୈବ ଦୁର୍ଗିକୃତ ଶହେ ୯ କିସମ୍ ଜାରି କର୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଚାଷୀ ଆଉ ବୈଜ୍ଞାନିକ୍‌ମାନ୍‌କର୍ ସାଙ୍ଗେ ଭିଲ୍ କଥାବାର୍ତା ହେବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ୬୧ ଟା ଫସଲ୍ ଭିତ୍‌ରେ ୩୪ ଟା କ୍ଷେତର୍ ଫସଲ୍ ଆର୍ ୨୭ ଟା ଉଦ୍ୟାନ୍ କୃଷି ଫସଲ୍ ରହିଛେ ।

ରେଲ୍‌ପ୍ରକଳ୍ପ- ମୁଖ୍ୟମନ୍ତ୍ରୀ       ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ରେଲ୍‌ପଥର୍ ବିକାଶ୍ ଲାଗି ୧୫ ହଜାର୍ ୪ କୋଟି ଟଙ୍କା ବ୍ୟୟ ଅଟକଳର ୬ ଟା ପ୍ରମୁଖ ରେଲ୍‌ପ୍ରକଳ୍ପକେ ଅନୁମୋଦନ୍ ଦେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଧନ୍ୟବାଦ୍ ଜନେଇଛନ୍ । ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍‌ଥି କରିଥିବା ପୋଷ୍ଟ୍‌ଥି କହିଛନ୍ ଯେ, ଇ ରେଲ୍ ପ୍ରକଳ୍ପ ମାନ୍‌କର୍ ଜରିଆଥି ରେଲ୍ ଭିତିଭୂମି ଜବର୍ ହେବାର୍ ସଙ୍ଗେ ଆଦିବାସୀ

ବହୁଲ ଇଲାକା ନ ବିକାଶ୍‌ର ବାଟ୍ ଫିଟ୍‌ବା । ଓଡ଼ିଶା ପୂର୍ବୋଦୟ ବିକାଶ୍‌ର କେନ୍ଦ୍ର ଭାବେ ପ୍ରତିପାଦିତ ହେବାର୍‌ଥି ଇ ନିଷ୍ପତି ଖାସ୍ ସହାୟକ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ନୂଆଁ ରେଲ୍ ପ୍ରକଳ୍ପ ମଞ୍ଜୁରୀକେ ନେଇକରି ପ୍ରଧାନ୍‌ମନ୍ତ୍ରୀ, ଅର୍ଥମନ୍ତ୍ରୀ ଆର୍ ରେଲ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆର୍ଥିକ୍ ବ୍ୟାପାର୍ ବାବଦ୍ କେବିନେଟ୍ କମିଟି ବୈଠକ୍‌ଥି ଓଡ଼ିଶାର୍ ଲାଗି ୬ ଟା ନୂଆଁ ରେଲ୍‌ପ୍ରକଳ୍ପକେ ଅନୁମୋଦନ୍ ଦିଆଯାଇଛେ । ହେଥି ଜୁନାଗଡ଼୍- ନବରଙ୍ଗ୍‌ପୁର୍, ଗୁଣୁପୁର- ଥେରୁବାଲି, ବାଦାମ୍‌ପାହାଡ଼୍- କେନ୍ଦୁଝର୍‌ଗଡ଼୍, ବାଙ୍ଗିରପୋଶି-ଗୋରୁମହିଷାଣୀ, ମାଲ୍‌କାନ୍‌ଗିରି- ପାଣ୍ଡୁରଙ୍ଗପୁରମ୍ ଭାୟା ଭଦ୍ରାଚଲମ୍ ଆର୍ ବୁଡ଼ାମରା- ଚକୁଳିଆ ପ୍ରକଳ୍ପ ଅଛେ ।

## ଫାଇଲେରିଆ ନିରାକରଣ୍ ଅଭିଯାନ୍ -ଦେଶ

ଆର୍‌ଏନ୍‌ୟୁ/ କଟକ୍

ଦେଶ୍‌ରୁ ଫାଇଲେରିଆ ବେମାରୀର୍ ନିରାକରଣ୍ ଲାଗି ୨ ବଛରିଆ ଜାତୀୟ ଗଣଔଷଧ ପ୍ରଦାନ୍ ଅଭିଯାନ୍‌ର ୨ ନମ୍ବର୍ ଖେପ୍

ଆଏଜ୍‌ଠାନୁ ମୁଲ୍ ହେଇଛେ । ନୂଆଦିଲ୍ଲୀ ଠାନେ ସ୍ୱାସ୍ଥ୍ୟ ଆର୍ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ ଆଭାସୀ ଜରିଏ ଅଭିଯାନ୍‌ର ଶୁଭାରମ୍ଭ କରିକରି ଦେଶର୍ ୨୦ ଟା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ଲୁକ୍‌କୁ ଫାଇଲେରିଆ ସଂକ୍ରମଣ୍‌ନୁ ରକ୍ଷା କର୍‌ବାର୍ ଲାଗି ଖାସ୍ ପଦକ୍ଷେପ୍ ନିଆଯାଉଛେ ବଲି କହିଛନ୍ । ସେ କହିଛନ୍ ଯେ, ମଶା ଚବାନୁ ନିଜ୍‌କୁ ରକ୍ଷା କର୍‌ବାର୍ ଆର୍ ଫାଇଲେରିଆର୍ ପ୍ରତିହତ୍ ଉଷୋ ଖାଏବାର୍‌ଟା ଫାଇଲେରିଆ ନିରାକରଣ୍ ଦିଗେ ବଡ଼୍ ଭୂମିକା ନେସି । ଇ ଦୁଇ ନମ୍ବର୍ ଖେପର୍ ଅଭିଯାନ୍‌ଥି ଓଡ଼ିଶା, ବିହାର୍, ଝାର୍‌ଖଣ୍ଡ, କର୍ଣ୍ଣାଟକ୍, ତେଲେଙ୍ଗାନା ଆର୍ ଉତର୍‌ପ୍ରଦେଶ୍‌ର ୬୩ ଟା ଜିଲ୍ଲାକେ ସାମିଲ୍ କରାଯାଇଥିବାର୍ ବେଲେ ଅଭିଯାନ୍‌ର ଶହେ ଶତ୍‌କଡ଼ା ସଫଲତାର୍ ଲାଗି ଘର୍‌କେ ଘର୍ ଯାଇକରି ଉଷୋ ଦେବାର୍ ଲାଗି ମନ୍ତ୍ରୀ ଶ୍ରୀ ଯାଦବ୍ କହିଛନ୍ ।

ଫାଇଲେରିଆ ନିରାକରଣ-ରାଜ୍ୟ

ଆର୍‌ଏନ୍‌ୟୁ/ କଟକ୍/ବୌଦ୍ଧ/ବର୍‌ଗଡ଼୍/ସୁବର୍ଣ୍ଣପୁର/ଝାର୍‌ସୁଗୁଡ଼ା

ଫାଇଲେରିଆ ନିରାକରଣ୍ ଲକ୍ଷ୍ୟଥି ରାଏଜେ ଆଏଜ୍‌ଠାନୁ ସାମୂହିକ ଔଷଧ ସେବନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇଥି ୧ କୋଟି ୯୩ ଲାଖ୍‌ନୁ ଅଏତ୍‌କା ଲୁକ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଦେବାର୍ ଲକ୍ଷ୍ୟ ରଖାଯାଇଛେ । ରାଜ୍ୟ ଜନସ୍ୱାସ୍ଥ୍ୟ

ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ ଯେ, ଫାଇଲେରିଆ ପ୍ରବଣ ଜିଲ୍ଲା ଆର୍ ବ୍ଲକ୍ ମାନ୍‌କର୍ ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯାଉଛେ । ଇଥି ଆଶା ଆର୍ ଅଙ୍ଗନବାଡ଼ି କର୍ମୀମାନେ ଘର୍‌କେ ଘର୍ ଯାଇକରି ଲୁକ୍‌କୁ ଉଷୋ ଖୁଆବେ । କାର୍ଯ୍ୟକ୍ରମ୍‌ର ତଦାରଖ୍ ଲାଗି ୭୭ ଝନ୍ ସୁପର୍‌ଭାଇଜର୍‌ଙ୍କୁ ନିୟୋଜିତ କରାଯାଇଛେ ବଲି ସେ କହିଛନ୍ ।

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍‌ଠାନୁ ଫାଇଲେରିଆ ନିରାକରଣ୍ ଲକ୍ଷ୍ୟଥି ସାମୂହିକ ଔଷଧ ସେବନ୍ କାର୍ଯ୍ୟକ୍ରମ୍ ଶୁଭାରମ୍ଭ ହେଇଛେ । ବୌଦ୍ଧର୍ ଜେଡ଼ି ହାଇସ୍କୁଲ୍ ନ ଅତିରିକ୍ତ ଜିଲ୍ଲାପାଲ୍ ଆର୍ ଜିଲ୍ଲା ପରିଷଦ୍‌ର ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ଉପସ୍ଥିତ୍ ସର୍‌କାରୀ ଅଧିକାରୀ, କର୍ମଚାରୀଙ୍କର୍ ସହେତେ ଛାତ୍ରଛାତ୍ରୀମାନେ ସାମୂହିକ୍ ଭାବେ ଉଷୋ ଖାଇଥିଲେ ।

ବର୍‌ଗଡ଼୍ ସହର୍‌ର ଷ୍ଟେସନ୍ ପଡ଼ା ନ ଥିବା ସହରାଂଚଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ନିଜେ ପହେଲା ଉଷୋ ଖାଇକରି କାର୍ଯ୍ୟକ୍ରମ୍‌ର ମୁଲ୍ କର୍‌ବାର୍ ସହେତେ ବର୍‌ଗଡ଼୍ ଜିଲ୍ଲାକେ ଫାଇଲେରିଆ ମୁକ୍ତ କର୍‌ବାର୍ ଦିଗେ ସମ୍‌କିରିର୍ ସହଯୋଗ୍ କାମନା କରିଥିଲେ । ସୂଚ୍‌ନା ଅନ୍‌ସାରେ ବର୍‌ଗଡ଼୍ ଜିଲ୍ଲା ନ ୧୪ ଲାଖ୍ ଲୁକ୍‌କୁ ଉଷୋ ଖୁଆବାର୍ ଯୋଜ୍‌ନା

କରାଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ତର୍ଭା ନ ହେଇଥିଲା । ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀ ଆର୍ ଅଞ୍ଜଲିନା ପ୍ରଧାନ୍ ନିଜେ ଉଷୋ ଖାଇକରି ଅଭିଯାନ୍‌ର ମୁଲ୍ କରିଥିଲେ ।

ଝାର୍‌ସୁଗୁଡ଼ା ମହିଳା କଲେଜ୍ ନ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର୍ ନାଏକ୍ ଛାତ୍ରୀମାନ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଖାଏବାର୍‌କେ ଦେଇଥିଲେ ।

ରାଜସ୍ୱ ମନ୍ତ୍ରୀ-ଘରଡିହ ପଟ୍ଟା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଧାରିଜ୍ ସମିଆ ଭିତ୍‌ରେ ଘର୍ ଡିହି ନାଇଁଥିବା ଲୁକ୍‌କୁ ପଟ୍ଟା ଦେବାର୍‌କେ ପଦକ୍ଷେପ୍ ନିଆଯାଉଛେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ବାବଦ୍ ଗୁଟେ ସମୀକ୍ଷା ବୈଠକ୍‌ଥି ରାଜ୍ୟର୍ ଘର ଡିହ ନାଇଁଥିବାର୍ ଲୁକ୍‌କୁ ଚିହ୍ନଟ୍ ଲାଗି ସର୍ଭେ କାମ୍ ଆଏବା ୧୬ ତାରିଖ୍‌ନୁ ମୁଲ୍ କର୍‌ବାର୍‌କେ ଆଉ ଆଏବା ମାସର୍ ୧୫ ତାରିଖ୍‌ତକ୍ ହେ ବାବଦ୍ ରିପୋର୍ଟ ତିଆର୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ଡିସେମ୍ବର୍ ମାସର୍ ଶେଷ୍‌ତକ୍ ଘରଡିହ ପଟ୍ଟା ବଂଟନ୍ କାମ୍ ପୁରା କର୍‌ବାର୍‌କେ ସମିଆ ଧାରିଜ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ରାଜସ୍ୱ ମନ୍ତ୍ରୀ        ସମ୍ବଲପୁର ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ୍ ଆର୍ ଗବେଷଣା ପ୍ରତିଷ୍ଠାନ୍-ଭିମ୍ସାର୍‌କେ ପୂର୍ଣ୍ଣ ସ୍ୱାୟତତା ଦେବାର୍ ଲାଗି ସର୍‌କାର୍ କାମ୍ କରୁଛନ୍ ବଲି ଆଏଜ୍ ଭିମ୍ସାର୍ ନ ଗୁଟେ ସମୀକ୍ଷା ବୈଠକ୍ ଉତ୍‌ରୁ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇତାର୍‌ସଙ୍ଗେ ଭିମ୍ସାର୍‌ର ନବକଳେବର ହେବା ଆର୍ ହେଥିର୍‌ଲାଗି ଜମିର ସମସ୍ୟା ନାଇଁରହେ ବଲି ଶ୍ରୀ ପୂଜାରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ଭିମ୍ସାର୍‌ର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି, ଭିମ୍ସାର୍ ଆକୃଥି ପରିବର୍ତନ୍ ଆର୍ ଏମ୍‌ଆର୍‌ଆଇକେ ଫେର୍ କାର୍ଯ୍ୟକ୍ଷମ୍ କର୍‌ବାର୍ ଦିଗେ ସର୍‌କାର୍ କାମ୍ କରୁଛନ୍ । ସେ ଆହୁରି କହିଛନ୍ ଯେ, ଜଲ୍‌ସମ୍ପଦ୍ ବିଭାଗ୍‌ର ଜମିକେ ଖୋବ୍ ଲୋକ୍ ଦଖଲ୍ କରିକରି ରଖିଥିବାର୍ ବେଲେ ସେଟାକେ ରାଜସ୍ୱ ବିଭାଗ୍‌ର ଦଖଲ୍‌କେ ଅନାଯିବା । ସେନ୍ତା ମନ୍ତ୍ରୀ ଶ୍ରୀ ପୂଜାରୀ ଚିପିଲିମା ପାଖର୍ ସାତୁପାଲି ନ ଇଲାକାର୍ ଲୋକ୍‌ମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍ କରିଥିଲେ । ଇଲାକା ନ ଜଲ୍‌ସମ୍ପଦ୍ ବିଭାଗ୍ ଅଧିଗ୍ରହଣ୍ କରିଥିବା ଜମି ବେଭାର୍ ନାଇଁ ହେଉଥିବାର୍ ବେଲେ ହେଥି ଚାଷ୍ କରିକରି ଜିଉଁଥିବାର୍ ଲୁକ୍‌କୁ ହେ ଜମି ଦେବାର୍‌କେ ଲୁକେ ମନ୍ତ୍ରୀଙ୍କୁ ଅନୁରୋଧ୍ କରିଥିଲେ । ହେତାର୍ ଉପ୍‌ରେ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ ।

ଜାତୀୟ କୃମିନାଶକ୍ ଦିବସ

ଆର୍‌ଏନ୍‌ୟୁ/ କଟକ୍/ ନୂଆପଡ଼ା/ ଦେବ୍‌ଗଡ଼୍/ କଲାହାଣ୍ଡି

ଜାତୀୟ କୃମିନାଶକ୍ ଦିବସ୍ ପାଲନ୍ ଅବ୍‌ସରେ ଆଏଜ୍ ରାଜ୍ୟର୍ ୧୯ ଟା ଜିଲ୍ଲା ନ କୃମିନାଶକ୍ ଉଷୋ ବଂଟା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ସେ ଜିଲ୍ଲାମାନ୍‌କର୍ ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଦେବ୍‌ଗଡ଼୍, ବୌଦ୍ଧ, ନୂଆପଡ଼ା ଆର୍ କଲାହାଣ୍ଡି ଜିଲ୍ଲା ଅଛେ । ଇ କାର୍ଯ୍ୟକ୍ରମ୍‌ଥି ୧ ନୁ ୧୯ ବଛର୍ ବୟସର୍ ପିଲା ଟୁକେଲ୍ ଆର୍ ୨୦ ନୁ ୨୪ ବଛର୍ ବୟସର୍ ମହିଲାମାନ୍‌କୁ ଉଷୋ ଦିଆଯାଉଛେ । କୃମିନାଶକ୍ ଦିବସ୍ ପାଲନ୍ ଅବ୍‌ସରେ ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍‌ର ଚନାବେଡ଼ା ଆଶ୍ରମ୍ ସ୍କୁଲ୍‌ର ୫ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କୁ କୃମିନାଶକ୍ ଉଷୋ ଖୁଆଯାଇଥିଲା । ଦେବ୍‌ଗଡ଼୍ ଟାଉନ୍ ହାଇସ୍କୁଲ୍ ନ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ୍ ଦିବସ ପାଲନ୍ କରାଯାଇଥିଲା । ବଲାଙ୍ଗିର୍ ପୃଥ୍ୱୀରାଜ୍ ହାଇସ୍କୁଲ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ପ୍ରଦୀପ୍ କୁମାର୍ ଗୁରୁ କୃମିନାଶକ୍ ବଟିକାର ଉପକାର୍ ବାବ୍‌ଦେ କହିଥିଲେ । ଜିଲ୍ଲାର୍ ସବୁ ସର୍‌କାରୀ, ବେସର୍‌କାରୀ ସ୍କୁଲ୍ ଆଉ ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କେ ଛୁଆକୁ କୃମିନାଶକ୍ ବଟିକା ଦିଆଯିବା ବଲି ସେ କହିଥିଲେ । କଲାହାଣ୍ଡି ଜିଲ୍ଲା ସଦର୍ ମହକୁମା

ଭବାନୀପାଟ୍‌ନାର୍ ସତ୍ୟସାଇ ବିଦ୍ୟାମନ୍ଦିର୍ ନ କୃମିନାଶକ୍ ଦିବସ୍ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କୁ ଉଷୋ ଖୁଆଯାଇଥିଲା ।

ଉଚ୍ଚଶିକ୍ଷାନୁଷ୍ଠାନ-ନିଶାମୁକ୍ତ ଭାରତ୍ ଅଭିଯାନ

ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କୁ ନିଶାମୁକ୍ତ ଭାରତ୍ ଅଭିଯାନ୍ ଲାଗୁ ହେବା । ଇ ବାବ୍‌ଦେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ତର୍‌ଫୁ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କୁ ଚିଠି ଲେଖାଯାଇଛେ । ସୂଚ୍‌ନା ଅନ୍‌ସାରେ ନିଶାମୁକ୍ତ ଭାରତ୍ ଅଭିଯାନ୍‌ଥି ଶିକ୍ଷାନୁଷ୍ଠାନ୍ କେମ୍ପସ୍ ଆର୍ ହଷ୍ଟେଲ୍ ମାନ୍‌କୁ ନିଶାମୁକ୍ତ କର୍‌ବାର୍ ଲାଗି ଗୁଟେ ହଷ୍ଟେଲ୍ କମିଟି ଗଢ଼ାଯିବା ଆଉ ଟୋଲ୍‌ଫ୍ରି ନିଶାମୁକ୍ତ ହେଲ୍ପଲାଇନ୍ ନମ୍ବର୍ ଜାରି ହେବା । ଇ ଅଭିଯାନ୍‌ର ତଦାରଖ୍ ଲାଗି ଗୁଟେ ଏନ୍‌ଫୋର୍ସମେଂଟ୍ ଏଜେନ୍ସି ଭିଲ୍ ରହେବା ।

ଓଜନ୍ ଉତ୍ସବ୍-ପ୍ରସ୍ତୁତି ବୈଠକ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲାର୍ ଚଲ୍‌ତି ଆର୍ଥିକ୍ ବଛରର୍ ପହେଲା ଖେପ୍ ଓଜନ୍ ଉତ୍ସବ୍‌ର ପ୍ରସ୍ତୁତି ବୈଠକ୍ ଜିଲ୍ଲା ସଦ୍‌ଭାବନା

ସଭାଗୃହ ନ ହେଇଯାଇଛେ । ଜିଲ୍ଲାର୍ ପୁଷ୍ଟିହୀନ ଛୁଆମାନ୍‌କୁ ଚିହ୍ନଟ୍ କରିକରି ସେମାନ୍‌କର୍ ଚିକିତ୍ସା ଆର୍ ସେବା ଯତନ୍ ଲାଗି ଆଏବା ୨୦ ତାରିଖ୍ ଭିତ୍‌ରେ ସବୁ ୬ ବଛର୍‌ନୁ କମ୍ ବୟସର୍ ଛୁଆକର୍ ଶାରୀରିକ ବୃଦ୍ଧି ଆକଲନ୍ ଆର୍ ରେକର୍ଡ୍ କର୍‌ବାର୍‌କେ ନିଷ୍ପତି ହେଇଛେ ।

କାର୍ଯ୍ୟକ୍ଷେତ୍ରଥି ମହିଳାଙ୍କୁ ନିର୍ଯ୍ୟାତନା-କର୍ମଶାଳା

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ କାର୍ଯ୍ୟକ୍ଷେତ୍ରଥି ମହିଳାଙ୍କୁ ଯୌନ ନିର୍ଯ୍ୟାତନା ନିରାକରଣ୍ ବାବଦ୍ ଗୁଟେ କର୍ମଶାଲା ହେଇଯାଇଛେ । ହେଥି କାମ୍ ଜାଗା ନ ମହିଳାମାନ୍‌କୁ ଯୌନ ଶୋଷଣ ଆର୍ ନିର୍ଯ୍ୟାତନାନୁ ସୁରକ୍ଷା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପି.ଏମ୍. ଆବାସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ସହରାଂଚଲ୍ ଅଧୀନ୍‌ଥି ୧ କୋଟି ଘର୍ ତିଆରିକେ ମଞ୍ଜୁରୀ ଦିଆଯାଇଛେ । ଇଥି ୧୦ ଲାଖ୍ କୋଟି ଟଙ୍କା ବିନିଯୋଗ୍

ହେବାର୍‌କେ ଥିବାର୍ ବେଳେ ସରକାର୍‌ଙ୍କର୍ ତର୍‌ଫୁ ୨ ଲାଖ୍ ୩୦ ହଜାର୍ କୋଟି ଟଙ୍କା ସବ୍‌ସିଡ଼ି ଦିଆଯିବା । ସେନ୍ତା ୨୦୨୪-୨୫ ନୁ ୨୦୨୮-୨୯ ଆର୍ଥିକ୍ ବଛ୍‌ରେ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ଗ୍ରାମୀଣ୍ ଅଧୀନ୍‌ଥି ୨ କୋଟି ଘର୍ ତିଆରି ଲାଗି କେବିନେଟ୍ ତର୍‌ଫୁ ମଞ୍ଜୁରୀ ଦିଆଯାଇଛେ ।

ପାଣିପାଗ/ହୀରାକୁଦ୍ ଜଲ୍‌ଭଣ୍ଡାର୍

ଆର୍‌ଏନ୍‌ୟୁ/ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏବା କାଏଲ୍ ସଖାଲ୍‌ତକ୍ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର ଆଏଜ୍ ସଞ୍ଜ୍‌ବେଲାର୍ ୬ ବଜେତକ୍ ୬ ଶହ ୧୨ ଦଶ୍‌ମିକ୍ ୯/୩ ଫୁଟ୍ ରହିଛେ । ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୨ ଲାଖ୍ ୫୪ ହଜାର୍ ୪ ଶହ ୬୦ ଘନଫୁଟ୍ ପାଏନ୍ ଆସୁଛେ । ୧୦ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି

ସେକେଣ୍ଡଥି ୧ ଲାଖ୍ ୯୦ ହଜାର୍ ୨ ଶହ ୬୧ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।